(ଏକାଙ୍କିକା)

# ସୁର ସୁନ୍ଦରୀ

● ସରଳା ଦେବୀ

(୧୯୦୪-୧୯୮୬)

**ଲେଖକ ପରିଚୟ :**

*ସରଳାଦେବୀ ଜଗତସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତ୍ତୀ ନରିଲୋ ଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଆଗଧାଡ଼ିର ସଭାନେତ୍ରୀ ରୂପେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଏବଂ ବାରମ୍ବାର କାରାବରଣ କରିଥିଲେ । ବହୁ ପ୍ରବନ୍ଧ, ଜୀବନୀ ଓ ସାହିତ୍ୟାଲୋଚନା ଲେଖିବାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କ ରଚିତ ପୁସ୍ତକ ମଧ୍ୟରେ ନାରୀର ଦାବି, ଉତ୍କଳର ନାରୀ ସମସ୍ୟା, ନାରୀ ଜଗତ, ପଞ୍ଚପ୍ରଦୀପ, ଭାରତୀୟ ମହିଳା ପ୍ରସଙ୍ଗ, ସାରଳା ମହାଭାରତୀୟ ନାରୀ ଚିତ୍ର, କୁନ୍ତଳା କୁମାରୀଙ୍କ କବି ପ୍ରତିଭା, ରବୀନ୍ଦ୍ର ପୂଜା, ଗାଁ ବାଲାଙ୍କକଥା, ରାୟ ରାମାନନ୍ଦ ଇତ୍ୟାଦି ଅନ୍ୟତମ ।*

*ଏହି ଏକାଙ୍କିକାର କଥାବସ୍ତୁ ପୌରାଣିକ ଆଖ୍ୟାନ ଉପରେ ଆଧାରିତ । ଏଥିରେ ନାରୀର ସ୍ୱାଭିମାନି ଆତ୍ମମର୍ଯ୍ୟାଦାବୋଧ ଓ ଦୁଷ୍ଟମାନଙ୍କ ଦମନରେ ନାରୀଶକ୍ତିର ଭୂମିକା ପ୍ରତିପାଦିତ ।*

---

## ପ୍ରଥମ ଦୃଶ୍ୟ

**ହି**ମାଦ୍ରିର ଶିରୋଦେଶରେ ଅଭ୍ରଭେଦୀ ଭୀଷଣ-ଦର୍ଶନ ଧବଳାକୃତି ଧବଳଗିରି ଊର୍ଦ୍ଧ୍ୱବାହୁ ହୋଇ ତପସ୍ୟାନିରତ । ତାହାର କନକ କିରୀଟ ମର୍କତମୟ କନକକାନ୍ତି ବିଶିଷ୍ଟ । ତାହାର ଗାତ୍ରରେ ନିକୁଞ୍ଜ କାନନର ତରୁରାଜି ଓ ମୁକୁଳିତ କୁସୁମ ଶୋଭିନୀ ଲତାବିତାନ । ସୁନାଦିନୀ ବିହଙ୍ଗିନୀଗଣ ଓ ସୁନାଦୀ ବିହଙ୍ଗକୁଳ, ମଧୁଲୋଭୀ ଅଳି, ମୃଗେନ୍ଦ୍ର କେଶରୀ, କରୀଶ୍ୱର, ଶାର୍ଦ୍ଦୁଳ, ଭଲ୍ଲୁକ, ବନ କମଳିନୀ, ସୁଲୋଚନା–କୁରଙ୍ଗିଣୀ, ମଣିକୁନ୍ତଳାଫଣିନୀ ବିଷଧର ଫଣୀ କେହି ସେହି ଗିରିରାଜକୁ ସ୍ପର୍ଶ କରିପାରନ୍ତି ନାହିଁ । ସେଠାରେ କେହି ପ୍ରବେଶ କରିବା ସୁଦୂର ପରାହତ । ଅଦୂରେ ଘନ ତିମିରିତ ଗଭୀର ଗହ୍ୱରରେ କଳକଳନାଦିନୀ ଅଳକାନନ୍ଦାର ଜଳସ୍ରୋତ ପାତାଳ ପ୍ରବେଶ କରିଛି । ମାନବ ଦାନବ ଯକ୍ଷ ରକ୍ଷ ଦେବତା ସମସ୍ତଙ୍କର ଏକାନ୍ତ ଅଗମ୍ୟ ଏ ପଥ । ଦିବାନିଶି ମେଘମାଳା ଉତ୍ସବିତ ଏହି ଗିରି ଯେପରି ଭୂତନାଥ ଶିବଙ୍କ ସହିତ କୈଳାସ ଶିଖରୋପରି ନୃତ୍ୟ ବିନୋଦରେ ରତ । ଦେବରାଜ ଇନ୍ଦ୍ର ବୈଜୟନ୍ତ ଧାମ ତ୍ୟାଗକରି ତାଙ୍କର କନକାସନ, ରାଜଛତ୍ର, ନନ୍ଦନ ବନର ପାରିଜାତ ସୁରଭି, ଉର୍ବଶୀ, ମେନକା, ଚିତ୍ରଲେଖା, ମିଶ୍ରକେଶୀ, ଗନ୍ଧର୍ବ କିନ୍ନର ଯକ୍ଷ ରକ୍ଷ ବିଦ୍ୟାଧରଙ୍କୁ ତ୍ୟାଗ କରି ନୀରବରେ ଅଶ୍ରୁମୁଞ୍ଚନ କରି ଗିରିକନ୍ଦରରେ ଆଶ୍ରୟ ନେଇଛନ୍ତି । ତାଙ୍କର ବଦନପ୍ରଭା ମଳିନ । ଦୁର୍ଦ୍ଧାନ୍ତ ଦୈତ୍ୟକୁଳ ଦୈବ ବଳରେ ବଳୀ ହୋଇ

ସୁରମାନଙ୍କୁ ପରାଜୟ ଗ୍ଲାନି ଦେଇଛନ୍ତି । ଦୈତ୍ୟରାଜ ସୁନ୍ଦ ଉପସୁନ୍ଦଙ୍କ ଅତ୍ୟାଚାରରେ ତ୍ରାସିତ ଦେବଗଣ ଭୟବିହ୍ୱଳ ହୋଇ ଆତ୍ମଗୋପନ କରିଛନ୍ତି । ଲାଞ୍ଛନାଭୀତ ହୋଇ ସହସ୍ର ବର୍ଷ ଅବିଶ୍ରାନ୍ତ ଯୁଦ୍ଧରେ ଦେବଗଣ ଶ୍ରାନ୍ତକ୍ଳାନ୍ତ ।

ସୁନ୍ଦ – ଯାହା ହେଉ. ଏତେ ଦିନେ ଦାନବମାନଙ୍କର ମନକାମନା ପୂର୍ଣ୍ଣ ହେଲା । ସହସ୍ରବର୍ଷ କାଳ ଯୁଦ୍ଧ ପରେ ଇନ୍ଦ୍ରଙ୍କୁ ସ୍ୱର୍ଗଚ୍ୟୁତ କରି ବ୍ରହ୍ମାଙ୍କ କୃପାରୁ ଆମର ମୁକ୍ତି ହେଲା । ଓଃ, ଦେବତାମାନେ କି ଖଳପ୍ରକୃତିର ଜୀବ । ମର୍ତ୍ତ୍ୟ ଲୋକରୁ ଆସୁଥିବା ଯଜ୍ଞଧୂମରୁ ହବି ଚୋରି କରି ଆମକୁ ଚିରକାଳ ବଞ୍ଚନା କରି ଆସିଛନ୍ତି ।

ଉପସୁନ୍ଦ – ତ୍ରିପୁରାରି ମହାଦେବ ଆମର ସହାୟ । ଏତେକାଳ ଆମର ମନୋରଥ ପୂର୍ଣ୍ଣ କରିଛନ୍ତି ମହାଦେବ । ଅୟୁତ ଅୟୁତ ବର୍ଷର ତପସ୍ୟାର ଫଳ ଅଛି ତ ପୁଣି ? ବୃଥା ଯିବ କିପରି ?

ଦାନବ ସେନାପତି – ଜୟ ମହାରାଜ ସୁନ୍ଦଙ୍କର ଜୟ ।

ସୁନ୍ଦ – ତୁମେ ତ ମୋର ସେନାପତି, ତୁମ ଜୟଗାନ ନିଷ୍ପ୍ରୟୋଜନ ।

ଅପ୍‌ସରାଗଣ – ଜୟ ମହାରାଜ ସୁନ୍ଦଙ୍କର ଜୟ ।

ସୁନ୍ଦ – ଏ କିଏ ଅପ୍‌ସରାଗଣ ! କିନ୍ତୁ ସେନାପତି, କାହାନ୍ତି ସେ ପରାଜିତ ଦେବତାମାନେ ? ଶୁଭୁନାହିଁତ ସେମାନଙ୍କର ଜୟଗାନ ?

ସେନାପତି – ସମସ୍ତେ ଆପଣଙ୍କ ଆଦେଶ ପାଳନ କରି ଯେ ଯାହା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ମହାରାଜ ।

ସୁନ୍ଦ – ଉତ୍ତମ ! ପବନ, ଅଗ୍ନି, ବରୁଣ, କୁବେର, ଦଶଦିଗପାଳ, ଶମନ, ସମସ୍ତେ ମୋ ରାଜନବରରେ ଉପସ୍ଥିତ ଅଛନ୍ତି ତ ?

ସେନାପତି – ଆଜ୍ଞା, ମହାରାଜ ।

ଉପସୁନ୍ଦ – ଚିତ୍ରରଥ ଗନ୍ଧର୍ବରାଜ କାହିଁ ?

ସେନାପତି – ସେ ଅପ୍‌ସରାମାନଙ୍କୁ ସଜ୍ଜିତ କରାଉଛନ୍ତି ।

ସୁନ୍ଦ – ସ୍ୱର୍ଗ ରାଜ୍ୟରେ ସମସ୍ତଙ୍କର ଆନୁଗତ୍ୟକୁ ଦେଖୁଛି । କିନ୍ତୁ ମୃଗାକ୍ଷୀ ବିମ୍ବାଧରୀ ଶଚୀ କାହିଁ ? ସେହି କୃଶୋଦରୀର କବରୀ ମନ୍ଦାର ମାଳରେ ଶୋଭିତ । ମୁଁ ତାକୁଇ କାମନା କରେଁ । ବର୍ତ୍ତମାନ ଉର୍ବଶୀ ଓ ରମ୍ଭା ଗୀତ ନୃତ୍ୟ କରନ୍ତୁ ।

ଉପସୁନ୍ଦ – ଉର୍ବଶୀ ! ତୁମର ପ୍ରିୟସଖୀ ଶଚୀଦେବୀ କାହାନ୍ତି ?

ଉର୍ବଶୀ – ସେ ଇନ୍ଦ୍ରଙ୍କ ସଙ୍ଗରେ ହିମାଦ୍ରି ଶିଖରରେ ବାସ କରୁଛନ୍ତି ।

(ସୁନ୍ଦ ଉପସନ୍ଦଙ୍କର ଅଟ୍ଟହାସ୍ୟ)

ଉପସୁନ୍ଦ – ରମ୍ଭା ! ପାରିବ ଗୋଟିଏ କାର୍ଯ୍ୟ କରି ? ଯଥେଷ୍ଟ ପୁରସ୍କାର ଦେବି ।

ରମ୍ଭା – ଆଜ୍ଞା ଦିଅନ୍ତୁ, ମହାରାଜ ।

ଉପସୁନ୍ଦ – ସେହି ଶଚୀ ଦେବୀଙ୍କୁ କାପୁରୁଷ ଶୃଗାଳ ଇନ୍ଦ୍ରର ଇନ୍ଦ୍ରଜାଲପାଶରୁ ଛିନ୍ନ କରି ଆଣି ପାରିବ ?

ସୁନ୍ଦ – ଶଚୀ ଦେବୀଙ୍କୁ ଇନ୍ଦ୍ରର ମାୟା ପାଶରୁ ଛିନ୍ନ କରି ଆଣି ନ ପାରିଲେ ଆମ୍ଭମାନଙ୍କର ଗୌରବ ମ୍ଳାନ ହେବା ନିଶ୍ଚିତ । ସ୍ୱର୍ଗରେ ଆଉ ସୁଖ କାହିଁ ?

ଉପସୁନ୍ଦ – ସଭାସଦ୍‌ଗଣ ! ଶୁଣିଲ ତ ସୁନ୍ଦଙ୍କ ମର୍ମବାଣୀ ? ବର୍ତ୍ତମାନ ଶୀଘ୍ର ଯାଇ ହିମାଦ୍ରି ଗହ୍ୱରରୁ ଇନ୍ଦ୍ରପାଶରୁ ଶଚୀକୁ ମୁକ୍ତ କରି ଏଠାକୁ ଘେନି ଆସ ! ରାଜାଜ୍ଞା ପାଳନରେ ବିମୁଖ ହେଲେ କଠିନ ଶାସ୍ତି ପାଇବ ।

ସୁନ୍ଦ – ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ହସ୍ତୀ, ପାରିଜାତ ପୁଷ୍ପ, ସୁଧାଭାଣ୍ଡ ଅଧିକାର କରି ମଧ୍ୟ ଆମର ବାସନା ଅପୂର୍ଣ୍ଣ ରହିଲା । ଆମକୁ ସଫଳକାମ ହେବାକୁ ଇ ପଡ଼ିବ–ଉପାୟ ଯାହାହେଉ । ପ୍ରେମ ଓ ଯୁଦ୍ଧରେ ତ ନୀତି ନିୟମ ପାଳନ କରିବା ବିଧି ଅନୁମୋଦିତ ନୁହେଁ, – କ'ଣ କହୁଛୁ ଉପସୁନ୍ଦ ?

ଉପସୁନ୍ଦ – ହଁ ଭାଇ, ଠିକ୍ କହିଛ । (ଉଦ୍ଧତ କଣ୍ଠରେ) ଯାଆନ୍ତୁ ଦୈତ୍ୟଗଣ–ଯାଆନ୍ତୁ ଅପ୍‌ସରାଗଣ, ଶୀଘ୍ର ନେଇ ଆସନ୍ତୁ ! ସେ ଆଉ ଏବେ ତାଙ୍କର ଇନ୍ଦ୍ରାଣୀ ନୁହନ୍ତି । ଇନ୍ଦ୍ର-ସିଂହାସନ ଯାହାର, ଶଚୀ ତାହାର– ସର୍ବଭୋଗ୍ୟ ଭିତରେ ସେ ଏକ ଭୋଗ୍ୟ, ସେ ଦୈତ୍ୟ ରାଜଙ୍କର ରାଣୀ । ହିମାଳୟ ଦେଶର ଗହନ ବିପିନ ସ୍ୱର୍ଗ ରାଣୀଙ୍କର ବାସ ଯୋଗ୍ୟ ସ୍ଥାନ ନୁହେଁ ।

ସେନାପତି – ଯଥା ଆଜ୍ଞା, ମହାରାଜ ! ଅପ୍‌ସରାମାନେ ଯାଆନ୍ତୁ ।

ସୁନ୍ଦ – ନିଶ୍ଚୟ, ଯାଆନ୍ତୁ । କିନ୍ତୁ ମେଘ, ବଜ୍ର, ବିଦ୍ୟୁତ୍ ସମସ୍ତେ ଆମର କିଙ୍କର ଭଳି ସ୍ୱର୍ଗରେ ଅଛନ୍ତି ତ ?

ସେନାପତି – ଆଜ୍ଞା, ସେମାନଙ୍କର ସ୍ୱର୍ଗଛାଡ଼ି ଯିବାର ଉପାୟ ନାହିଁ । ଏ ସ୍ୱର୍ଗଧାମରେ ଯେ ଇନ୍ଦ୍ରସିଂହାସନରେ ବସେ, ତାର କିଙ୍କର ରୂପେ ମେଘମାଳ, ଅଶନି, ବିଦ୍ୟୁତ୍ ତା' ନିକଟରେ ଖଟିବାକୁ ବାଧ୍ୟ । ଏହା ବିଧିର ବିଧାନ । ଆନ କରିବା କାହାରି ସାଧ୍ୟ ନାହିଁ ।

ଦ୍ୱାରୀ – ମହାରାଜ, ମଣୋହିକୁ ବିଜେ କରିବା ହୁଅନ୍ତୁ ।

(ସୁନ୍ଦ ଉପସୁନ୍ଦଙ୍କର ପ୍ରସ୍ଥାନ, ଦରବାର ଭାଙ୍ଗିଲା )

## ଦ୍ୱିତୀୟ ଦୃଶ୍ୟ

(ଦେବତାମାନେ ଇନ୍ଦ୍ରଙ୍କ ନିକଟକୁ ଆଗମନ କଲେ । ଭାଗ୍ୟ ବିଡ଼ମ୍ବିତ ଦୁଃସ୍ଥ ମଳିନ ବେଶରେ ଇନ୍ଦ୍ରଙ୍କର ରାଜଦଣ୍ଡ ସ୍ଖଳିତ । ସେ ଶଚୀଙ୍କ ନିକଟରେ ବସିଛନ୍ତି । କୁମାର କାର୍ତ୍ତିକେୟ ପ୍ରଣାମ କଲେ ।)

ଇନ୍ଦ୍ର – ସ୍ୱର୍ଗ ରାଜ୍ୟରୁ କି ସମ୍ବାଦ ଆଣିଛ, କୁମାର ?

କାର୍ତ୍ତିକେୟ – (ନିମ୍ନ କଣ୍ଠରେ ଅଧୋମୁଖରେ) କହିବାକୁ ଆସିଛି, କିନ୍ତୁ ଅକଥ୍ୟ, ଦେବରାଜ ।

ଇନ୍ଦ୍ର – କହ କାର୍ତ୍ତିକେୟ ! କୁଣ୍ଠା କାହିଁକି ବୋଧ କରୁଛ ?

କାର୍ତ୍ତିକେୟ – ସୁନ୍ଦ ଉପସୁନ୍ଦଙ୍କ ଆଜ୍ଞା, ମାତା ଶଚୀଦେବୀ ସେମାନଙ୍କ ନିକଟକୁ ଯିବେ । ଏହି ଦୁଃସମ୍ବାଦର ବାର୍ତ୍ତାବହ ରୂପେ ଆସିଛି ମୁଁ ।

ଇନ୍ଦ୍ର – (କ୍ରୋଧରେ, ଆଶ୍ଚର୍ଯ୍ୟ ହୋଇ) କାହିଁକି ?

କାର୍ତ୍ତିକେୟ – ଏହାର ଉତ୍ତର ଦେବାକୁ ମୁଁ ଅତି ଅଭାଜନ ।

ଇନ୍ଦ୍ର – ପାଷଣ୍ଡ ରାକ୍ଷସମାନଙ୍କର ସ୍ପର୍ଦ୍ଧା ଏତେଦୂର ବଢ଼ିଗଲାଣି ନା ? ସେମାନଙ୍କୁ ସ୍ୱର୍ଗ ଭୁବନରୁ ଉଚ୍ଛେଦ କରି ପାରୁନାହଁ !

ଶଚୀ – ସୁନ୍ଦ ଉପସୁନ୍ଦ ପୃଥିବୀର ଶତ୍ରୁ । ଜଗତର ବିଧିବିଧାନ ଅତିକ୍ରମ କରିବାରୁ ସେମାନଙ୍କ ନିର୍ମମ ଅତ୍ୟାଚାରରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁର କମ୍ପୁଛି । ସସାଗରା ଧରଣୀ ସଂତ୍ରାସିତ ହେଉଛି । ଦେବରାଜ ଇନ୍ଦ୍ରପତ୍ନୀଙ୍କୁ ସ୍ପର୍ଦ୍ଧିତ ଦାନବମାନେ ଯଥାର୍ଥରେ ଅପମାନିତ କରୁଛନ୍ତି । ଏ ଲଜ୍ଜା, ପରାଜୟ ଗ୍ଲାନିଠାରୁ ମଧ୍ୟ ଅଧିକ ପୀଡ଼ା ଦିଏ ।

ଇନ୍ଦ୍ର – ହେଇଟି ଦେବି ! ଶମନ ଆସିଗଲେଣି ।

ଶଚୀ – ନମସ୍କାର, ଧର୍ମରାଜ ! ବସନ୍ତୁ । (ଆସନ ପ୍ରଦାନ)

ଇନ୍ଦ୍ର – କହନ୍ତୁ ତ ଧର୍ମ ଦେବ ! ଆମେ ଚିରକାଳ ଦାନବମାନଙ୍କ ବିରୋଧରେ ସଂଗ୍ରାମ ଚଳାଇ ଆସିଲେ। ଆଜି ଦେବବଳ ନଷ୍ଟ ହୋଇଥିବାରୁ, ଦାନବ ବଳ ବଢ଼ି ଯାଇଛି। କିନ୍ତୁ ଆମେ ପରାଜିତ, ଲାଞ୍ଛିତ ହୋଇ ଚିରକାଳ ଭୀତ ଶ୍ୱାନଭଳି ପର୍ବତ କନ୍ଦର ଭିତରେ ଲୁଚିଲେ ତ ହେବ ନାହିଁ ? ଦେବତାମାନେ ବିଚାର କରନ୍ତୁ, ସ୍ୱର୍ଗ ରାଜ୍ୟକୁ କିପରି ଅସୁର କବଳରୁ ମୁକ୍ତ କରିବେ।

ଶମନ – (କ୍ରୋଧିତ ସ୍ୱରରେ ଦାନ୍ତ ଚୋବାଇ) ଦେବରାଜ ! ହେ ତ୍ରିଦିବପତି ! ବିଧିବିଧାନ ବୁଝିବା କଷ୍ଟକର। ବୁଝି ପାରୁନାହିଁ, ଆମ୍ଭମାନଙ୍କର ପୂଜା, ଉପାସନା, ସତ୍ୟତା ଓ ଏତେ ନିଷ୍ଠାରେ ଧର୍ମକର୍ମ ପାଳନା ସତ୍ତ୍ୱେ ପିତାମହ ବ୍ରହ୍ମା ପ୍ରତିଯୁଗରେ ଆମ୍ଭମାନଙ୍କୁ ଦାନବଶକ୍ତି ଦ୍ୱାରା କାହିଁକି ହରାଇ ଦିଅନ୍ତି ? ତାହା ଏକା ସେ ଜାଣିଥିବେ। ମୁଁ ପଲକମାତ୍ରକେ ଚରାଚର ଉଚ୍ଛନ୍ନ କରିଦେବି। କିନ୍ତୁ ବ୍ରହ୍ମା ବୃଥାରେ ଆମ୍ଭମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କଲେ ବା କାହିଁକି ? ନୀଳକଣ୍ଠ ବିଷପାନ କଲେ କାହିଁକି ? ଆମର ଅମର ହେବା ଫଳରେ କେବଳ ଅପମାନ ଭୋଗିବା ସିନା ସାର। ଦେବରାଜ ! ସମସ୍ତ ବିଭୂତି ସତ୍ତ୍ୱେ ଦୈବବଳ ହିଁ ଶ୍ରେଷ୍ଠବଳ,–ଆମପ୍ରତି ବିଧିବାମ।

ପବନ – (ହୁଂକାର କରି) ଦେବରାଜ ! ଯାହା ଯମ କହିଲେ ତହିଁରେ ସନ୍ଦେହ ନାହିଁ। ବିଧି ଆମ ପ୍ରତି ଦାରୁଣ ଶତ୍ରୁତା କରିଛି। ପିତାମହ ବ୍ରହ୍ମାଙ୍କର ଦାନବମାନଙ୍କ ପ୍ରତି ଯଦି ଏଡ଼େ ପ୍ରୀତି, ମମତା ସେ ସେମାନଙ୍କୁ ରାଜାସନ ଦିଅନ୍ତୁ। ଆମେ ଏତେ ପୂଜା ଧର୍ମ ଯଜ୍ଞ କରି, ବହୁ କଷ୍ଟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଭୁବନ ମାନଙ୍କରେ ଶାସନ କରି, ଲୋକ ପାଳି ଶେଷରେ ଏତେ ଅପମାନ ସହିବୁ କିପରି ? ଅସତ୍ୟର ଜୟ ଦେଖିଲେ ଲୋକେ ଏଣିକି କି ଆଦର୍ଶ ଗ୍ରହଣ କରିବେ ! ଏଇ ତ ହେଲା ନୀତି ? ଆପଣ ଆଦେଶ କଲେ ଏଇକ୍ଷଣି ମୁଁ ଚରାଚର ବିଶ୍ୱକୁ ଲଣ୍ଡଭଣ୍ଡ କରିଦେବି। ସମସ୍ତ ବିଶ୍ୱକୁ ସମୁଦ୍ରରେ ବୁଡ଼ାଇ ଦେବି–ଅଣୁରାଶିରେ ଦିଗ ପୂରିଯିବ।

(ପର୍ବତ ଚୂଡ଼ା ଧସିଗଲା। ପବନ ତୋଫାନରେ ସଂସାର ବିହ୍ୱଳ ହୋଇ ପଡ଼ିଲା। ସମୁଦ୍ରରେ ତରଣୀ ବୁଡ଼ିଲା। ମୃଗଗଣ ଗିରିଗୁହା ଛାଡ଼ି ପଳାଇଲେ। ଗର୍ଭିଣୀମାନଙ୍କର ଗର୍ଭସ୍ରାବ ହୋଇଗଲା।)

କାର୍ତ୍ତିକେୟ – (ମଧୁର କଣ୍ଠରେ) ଯୁଦ୍ଧରେ ଜୟ ପରାଜୟ କାହାରି ହାତର କଥା ନୁହେଁ। ଦାନବ ତ୍ରାସରେ ଆମେ ପୃଷ୍ଠଭଙ୍ଗ ଦେଲୁଁ। ଆମର ସହସ୍ର ନାରାଚ ମଧ ଦାନବର ଚର୍ମ ଭେଦି ପାରିଲା ନାହିଁ। ଆମର ଏ ପରାଜୟକୁ ବିଧିବିଧାନ କହିବାକୁ ହେବ। ବିଧି ପ୍ରତିକୂଳତାର କାରଣ ମଧ ଆମର ଅଗୋଚର। ଦେବ କୂଳରେ ବୟୋକନିଷ୍ଠ ମୁଁ ; ବିଧାତାର ଇଚ୍ଛା ଉପରେ କ'ଣ ଅବା କହିବି ?

ଶମନ – ମୋ ବିଚାରରେ ଚାଲ ସମସ୍ତେ ବ୍ରହ୍ମାଙ୍କ ନିକଟକୁ ଯାଇ ଆମର ପରାଜୟର ପ୍ରତିକାର ଲୋଡ଼ିବା ।

ଇନ୍ଦ୍ର – ହେ ଶମନ ! ତୁମର ଦଣ୍ଡ ଏଡ଼େ ବିଷମ ଯେ ସମସ୍ତେ ତୁମ ଭୟରେ ଭୀତ; କିନ୍ତୁ ବିଧି ବାମ ହେଲେ ତୁମର ଏ ଦଣ୍ଡ ଫୁଲ ପରି ପ୍ରାଣୀ ଦେହରେ ବାଜି ଚାଲିଯାଏ । ହେ ପ୍ରଭଞ୍ଜନ ! ବିରଞ୍ଚି ବଳରେ ତୁମ୍ଭେମାନେ ବଳୀ । ତୁମର ଭୀଷଣ ନିଃଶ୍ୱାସରେ ତରୁକୁଳ ଭଗ୍ନ ହୁଏ; ତୁଙ୍ଗ ଗିରିଶୃଙ୍ଗ ଚୂର୍ଣ୍ଣୀଭୂତ ହୁଏ; କିନ୍ତୁ ବିଧିବାମ, ତେଣୁ ତୁମେ ମଧ ଶକ୍ତିହୀନ । ମନ୍ତ୍ର ବଳରେ ଫଣୀତୁଲ୍ୟ ମୁଁ ନିରୁପାୟ ।

କାର୍ତ୍ତିକେୟ – ମୋ ମତରେ ସମସ୍ତଙ୍କର ପିତାମହଙ୍କ ନିକଟରେ ଗୁହାରି କରିବା ଉଚିତ ।

ଇନ୍ଦ୍ର – ଏ ବିପୁଳ ପୃଥିବୀ ପାଳନ ପାଇଁ ବିଧାତା ଆମକୁ ସୃଷ୍ଟି କରିଅଛି । ଧର୍ମର ଜୟ ସୁନିଶ୍ଚିତ; ତା ନ ହୋଇଥିଲେ ଆମର ଅସ୍ତିତ୍ୱ ନଥାନ୍ତା । ଅସୁରମାନେ ଅଧାର୍ମିକ । ଦାମ୍ଭିକ । ପାପାଚାରୀ । ସେମାନଙ୍କ ଆପାତଃବିଜୟ ଆହ୍ଲାଦରେ ବୁଦ୍ଧିମାନ୍ ବିଚଳିତ ହେବେ ନାହିଁ । ଆମେ ସେମାନଙ୍କ ଭଳି ଅଧର୍ମ ଓ ପାପବୃତ୍ତିକୁ ଯେବେ ଅନୁସରଣ କରିବା, ଆଉ ଦେବାସୁର ଭେଦ କେଉଁଠି ରହିବ ? ତେଣୁ ମୁଁ ଦେବତାମାନଙ୍କୁ ନିବେଦନ କରେଁ, ସମସ୍ତେ ଧାତାଙ୍କ ନିକଟକୁ ଯାଇ ପରାମର୍ଶ ଲୋଡ଼ ।

## ତୃତୀୟ ଦୃଶ୍ୟ

(ବ୍ରହ୍ମଲୋକରେ ଦେବତାଗଣଙ୍କ ସହିତ ଇନ୍ଦ୍ର, ବ୍ରହ୍ମାଙ୍କ ନିକଟରେ ପ୍ରବେଶ କଲେ । ଶକ୍ତି ଦେବୀଙ୍କୁ ସେଠାରେ ଦେଖି ଦେବଗଣ ସ୍ତୁତି କଲେ ।)

ଯା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା ।

ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ । ୧ ।

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ।

ଯା ଦେବୀ ସର୍ବଭୂତେଷୁ କୀର୍ତ୍ତି ରୂପେଣ ସଂସ୍ଥିତା ।

ଯା ଦେବୀ ସର୍ବଭୂତେଷୁ କଳା ରୂପେଣ ସଂସ୍ଥିତା ।

ଯା ଦେବୀ ସର୍ବଭୂତେଷୁ ଅନ୍ନ ରୂପେଣ ସଂସ୍ଥିତା ।

ଯା ଦେବୀ ସର୍ବଭୂତେଷୁ ଜୟ ରୂପେଣ ସଂସ୍ଥିତା ।

ନମସ୍ତସ୍ୟୈ ... ... ... ... ... ... ... ... ...

ଦେବୀ – କ'ଣ ପାଇଁ ଆସିଲେ ଆପଣମାନେ, ଏ ଅସମୟରେ ?

ଇନ୍ଦ୍ର – ମା ! ଦାନବକୁଳର ଅତ୍ୟାଚାର ଆଉ ସହି ହେଉ ନାହିଁ । ଏତେ ଅପମାନ ତୋର ସନ୍ତାନଗଣ କିପରି ସହିବେ ମା ? ତୁ ଜଗଜ୍ଜନନୀ, ଜଗତ୍‌ପାଳିନୀ, ଜଗତ୍‌ତାରିଣୀ, ବିପଦ୍‌ନାଶିନୀ, ସୃଷ୍ଟିସ୍ଥିତି ପ୍ରଳୟ–କାରିଣୀ, ଆଦ୍ୟାଶକ୍ତି, ଚରାଚର

ମାତା, ପ୍ରକୃତି ରୂପା। ଅଭୟ ପଦତଳେ ଆଶ୍ରୟ ଦେ'ମା! ତୋର ଶରଣାଗତ ସନ୍ତାନମାନଙ୍କୁ ଘେନି ବ୍ରହ୍ମାଙ୍କ ଆଗରେ ଆମର ଦୁଃଖ ଜଣାଅ।

ଦେବୀ – ବ୍ୟସ୍ତ ହୁଅ ନାହିଁ; ଦେବରାଜ ! ଅଧର୍ମ, ଅସତ୍ୟ, ଅତ୍ୟାଚାର, ଆଉ ତାର ପ୍ରତିକାର ଏ ସବୁ ଭଗବାନଙ୍କର ସୃଷ୍ଟିଲୀଳାର ଅଂଶ। ଚକ୍ଷୁଷ୍ମାନ ହୋଇ ତୁମ୍ଭେମାନେ ଏ ପରାଜୟକୁ ଚିରନ୍ତନ ଭାବ ନାହିଁ। ଏ ସବୁ ମୋର ଲୀଳାଖେଳା। (ହାସ୍ୟ) ଆଚ୍ଛା, ତୁମ୍ଭେମାନେ ବିଧାତାଙ୍କ ନିକଟକୁ ଯାଅ। ତୁମ୍ଭମାନଙ୍କର କଥା ମୁଁ କହିଛି। ଶଚୀ ଦେବୀ, ରତିଦେବୀ ଏମାନେ ମୋତେ ନାନାବିଧ ପୂଜା ଉପାସନା କରି ପ୍ରୀତ କରିଛନ୍ତି। ତୁମ୍ଭମାନଙ୍କର ଅମାନିଶା ପାହିଲାଣି। ଜୟ ସୁନିଶ୍ଚିତ।

(ପ୍ରସ୍ଥାନ)

ଦେବଗଣ – ଯଥା ଆଜ୍ଞା ଦେବୀ !

(ଦେବତାମାନେ ଶକ୍ତିମୟୀଙ୍କ ଆଶୀର୍ବାଦ ଲାଭକରି ପିତାମହଙ୍କ ଚରଣ ଦର୍ଶନ କଲେ।)

ବ୍ରହ୍ମା – ବତ୍ସଗଣ ! ତୁମମାନଙ୍କ ଦୁଃଖ ଦୁର୍ଦ୍ଦଶା କଥା ମୋର ଆଗୋଚର ନାହିଁ। କିନ୍ତୁ ସୁନ୍ଦ ଉପସୁନ୍ଦଙ୍କର ଅୟୁତ ବର୍ଷର ତପସ୍ୟା, କୃଚ୍ଛ୍ର ସାଧନା, ପୁଣ୍ୟର ଫଳ କିଛି ଅଛି ତ ? ସେମାନଙ୍କ ପରାକ୍ରମକୁ ତୁମ୍ଭେମାନେ କେହି ପ୍ରତିହତ କରିପାରିବ ନାହିଁ, ଏହା ବିଧିର ବିଧାନ। ସମୁଦ୍ର ଜୁଆର ନିଜ ଇଚ୍ଛାରେ ଭଟ୍ଟା ପଡ଼େ ସିନା, କେହି ବଳପ୍ରୟୋଗରେ ଭଟ୍ଟା ପକାଇ ପାରିବ ନାହିଁ। ସେମାନଙ୍କୁ ବଳରେ ନ ପାରି ଛଳରେ ମାରିବାକୁ ଯତ୍ନ କର। ଯଦି ତୁମ୍ଭେମାନେ ସେ ଦୁଇ ଭାଇଙ୍କ ଭିତରେ କଳହର ସୂତ୍ରପାତ କରିପାରିବ, ତେବେ ସେମାନଙ୍କୁ ନାଶ କରି ପୁଣି ସ୍ୱର୍ଗ ସିଂହାସନ ପାଇ ପାରିବ।

ଇନ୍ଦ୍ର – ପିତାମହ ! ଆପଣଙ୍କର ଆଶୀର୍ବାଦହିଁ ଆମର ରକ୍ଷାକବଚ। ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ।

ବ୍ରହ୍ମା – ଯେ ଦେବୀ ବ୍ରହ୍ମନିଳୟରେ ରହୁଛନ୍ତି, ତାଙ୍କର ଆଶୀର୍ବାଦ ନିଅ।

ଇନ୍ଦ୍ର – ଦେବୀ ପ୍ରସନ୍ନ ହୁଅ, ଦେବଶତ୍ରୁଙ୍କୁ ବିନାଶ କରି, ଦେବଗଣଙ୍କୁ ବିପଦରୁ ତ୍ରାଣ କର– ଜନନୀ !

ଦେବୀ – ସତ୍ୟ, ଧର୍ମ, ନ୍ୟାୟ ଘେନି ତୁମ୍ଭେମାନେ ବିଜୟୀ ହେବ। ମୁଁ ତୁମ୍ଭମାନଙ୍କ ସ୍ତବରେ ସନ୍ତୁଷ୍ଟ। ଆଶୀର୍ବାଦ କରୁଛି, ଅଭୀଷ୍ଟ ସିଦ୍ଧି ହେଉ।

(ଦେବଗଣଙ୍କର ବ୍ରହ୍ମଲୋକରୁ ପ୍ରସ୍ଥାନ)

## ଚତୁର୍ଥ ଦୃଶ୍ୟ

**– ଦେବସଭା –**

ଇନ୍ଦ୍ର – ଦେବଗଣ, ବ୍ରହ୍ମା ଯେ ଦାନବ ଭ୍ରାତୃ ବିରୋଧରେ ସଂକେତ ଦେଲେ, ତାହା କିପରି ସାଧିତ ହେବ, ସେଥିପାଇଁ ଆପଣମାନଙ୍କର ପରାମର୍ଶ ଅପେକ୍ଷା କରୁଛି।

ଯମ – ମୋର ଦଣ୍ଡରୁ କଳା ହରଣ ହୋଇଛି ମହାରାଜ ! ମୁଁ କୌଣସି ପରାମର୍ଶ ଦେବାକୁ ଅକ୍ଷମ ।

କାର୍ତ୍ତିକେୟ – ମୋତେ ଦେବରାଜ ଅନୁମତି ଦେଲେ ମୁଁ ଯାଇ ଦୁଇ ଭାଇଙ୍କୁ ସମ୍ମୁଖ ସଂଗ୍ରାମକୁ ଡାକିବି । ସେମାନଙ୍କୁ କହିବି, ଯେ ଶକ୍ତିମାନ୍ ସେ ଯୁଦ୍ଧ କରିବାକୁ ଆସନ୍ତୁ ! ଏଥିରେ ସୁନ୍ଦ ବାହାରିଲେ ସ୍ୱାଭାବିକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଉପସୁନ୍ଦ ବି ବାହାରିବ । ସେମାନଙ୍କର ଭିତରେ ମହାକଳହ ଜାତ ହେବ । ଭ୍ରାତୃବିରୋଧ ସେମାନଙ୍କ ନିଧନର କାରଣ ।

ଯମ – (ଈଷତ୍ ହସି) ତୁମ୍ଭେ ଅସାର ପ୍ରସ୍ତାବ କରୁଛ । ସର୍ପର ବିଷ ଜ୍ୱାଳା ଅଛି । ସମସ୍ତେ ଜାଣନ୍ତି । ସର୍ପ ଦଂଶନ କଲେ ବିଷ ଦେହର ସର୍ବାଙ୍ଗରେ ଚରିଗଲା ଭଳି ସୁନ୍ଦ ସଙ୍ଗେ ଯୁଦ୍ଧ କଲେ ଉପସୁନ୍ଦ ବଳେ ତାହାର ଭାଇ ପାଇଁ ଲଢ଼ିବ । କୂଟ ଯୁଦ୍ଧରେ ଦାନବ ବଳୀୟାନ୍ । ତୁମେ ଏ ଦୁର୍ବୁଦ୍ଧି କଲେ ବିପଦରେ ପଡ଼ିବ । ବରଂ କୁବେରଙ୍କୁ କହି ତାଙ୍କ ଗନ୍ତାଘରକୁ ନେଇ ସମ୍ମୁଖରେ ରଖିଦେଲେ ସେମାନଙ୍କ ଚକ୍ଷୁ ଝଲସିଯିବ । ଧନ ଲୋଭରେ ଉନ୍ମତ୍ତ ହୋଇ ଦୁଇ ଭାଇ ବିବଦମାନ ହୋଇ ପ୍ରତିଦ୍ୱନ୍ଦ୍ୱିତାରେ ଯୁଦ୍ଧ କରି ମରିବେ ।

ଇନ୍ଦ୍ର – ଯାହା ଶମନ କହିଲେ, ଯଥାର୍ଥ । ଅର୍ଥ ଲୋଭରୁ ପାପ ଓ ପାପରୁ ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ଧନ କାହିଁ ? ତୁମ୍ଭେମାନେ କ'ଣ ଭୁଲିଗଲ ଯେ, ଆମେ ସମସ୍ତେ ଦୀନହୀନ ବାସଚ୍ୟୁତ କାଙ୍ଗାଳ ହୋଇ ବୁଲୁଛୁଁ ?

(ଦେବତାମାନେ ମୌନ ରହିଲେ । ଏହି ସମୟରେ ଦୈବବାଣୀ ହେଲା । "ହେ ଦେବଗଣ ! ତୁମ୍ଭେମାନେ ବିଶ୍ୱକର୍ମାଙ୍କ ନିକଟକୁ ଯାଅ । ତାଙ୍କୁ କହି ତାଙ୍କ ଦ୍ୱାରା ଜଗତରେ ଗୋଟିଏ ଅତୁଲ୍ୟରୂପା ଅଙ୍ଗନା ନିର୍ମାଣ କର । ତାକୁ କହ ଏ ନିଖିଳ ଚରାଚର ସ୍ଥାବର ଜଙ୍ଗମ ବିଶ୍ୱ ପ୍ରକୃତିରୁ ସୌନ୍ଦର୍ଯ୍ୟ ଆହରଣ କରି ତହିଁରେ ଅଙ୍ଗନାକୁ ରୂପନ୍ୟାସ ଦିଅନ୍ତୁ । ପ୍ରକୃତିର ସୌନ୍ଦର୍ଯ୍ୟରୁ ତିଳ ତିଳ କରି ଆହରଣ କରି ଯେ ପ୍ରମଦା ଗଠିତ ହେବ, ତାହାରି ସୌନ୍ଦର୍ଯ୍ୟ ଦର୍ଶନରେ ଭ୍ରାତୃ ବିରୋଧ ଜାତ ହେବ । ତେବେ ଯାଇ ଦୁଷ୍ଟ ରାକ୍ଷସ କୁଳର ବଧ ହେବ ।")

ଇନ୍ଦ୍ର – ଶୁଣିଲ ତ ଦୈବବାଣୀ କୁମାର ! ତୁମେ ପବନଙ୍କୁ ଶକ୍ତିଭିକ୍ଷା କରି ଶୀଘ୍ର ଯାଇ ଶିଳ୍ପୀକୁଳରାଜ ବିଶ୍ୱକର୍ମାଙ୍କୁ ଡାକି ଆଣିବ ।

କାର୍ତ୍ତିକେୟ – ଯଥା ଆଜ୍ଞା ! ଦେବରାଜ ।

(ପ୍ରସ୍ଥାନ)

## ପଞ୍ଚମ ଦୃଶ୍ୟ

(ଉତ୍ତର ମେରୁ ପର୍ବତ ଦେଶରେ ଦେବଶିଳ୍ପୀ ବିଶ୍ୱକର୍ମା ଲୁହାରେ ମୂର୍ତ୍ତି ଗଢୁଥିଲେ । କାର୍ତ୍ତିକେୟ ପ୍ରବେଶ କରି ତାଙ୍କୁ ନମସ୍କାର କଲେ ।)

ବିଶ୍ୱକର୍ମା – କି କୁମାର ? ଏ ଦୂରଦେଶକୁ ହଠାତ୍ ଆଗମନର କାରଣ କ'ଣ ?

ସୁରପୁରେ କୁଶଳତ ସବୁ ?

କହ ସ୍ୱର୍ଗର ବାରତା–

କି କାରଣେ ଆସିଲ ମୋ ପୁରେ ?
କେଉଁ ସ୍ୱର୍ଗ ବରାଙ୍ଗନା ଲାଗି ଅବା
ଦେବି ମୁହିଁ କମ ଅଳଂକାର,
ଦେଖ ମୋ କରଣୀ।
ଏହି ଅପୂର୍ବ ନୂପୁର ନିକ୍ୱଣରେ
ବୀଣାପାଣି ବୀଣା ଦେବ ଛିନ୍ନ କରି ହେଲେ
ଏହି ଦେଖ ସୁମେଖଳା, ଦେଖ, ଭାବ ମନେ–
ଏହି ଗଜ ମୁକ୍ତା ହାର, ଦେଖିଲ ଏହାକୁ–
ଏହି ଦେଖ ସୀମନ୍ତର ଟୀକା,
ଏହି ଯେ କଙ୍କଣ ଦେଖ ଖଚିତ ରତନେ।
ପ୍ରବାଳ କୁଣ୍ଡଳ ଦେଖ
କି ଛାର ଏହାର ତୁଲେ ବନଦେବୀ
କର୍ଣ୍ଣର ପଳାଶ ?
ରମଣୀର ମନୋଜ୍ଞ ଭୂଷଣ,
ଆଉ କେତେ ନେବ ଅଳଙ୍କାର ଅସୀମ
ମୋ ଗନ୍ତାଘରୁ ?

କୁମାର – (ଦୀର୍ଘ ନିଃଶ୍ୱାସ ମାରି) ଆଉ କି ଅଛି ହେ ଦେବ ସେ କାଳର ସୁଖ ?
ବିଶ୍ୱପ୍ରାନ୍ତେ ତିମିରିତ ମହୋଦଧି ପାରେ–
ବସ ତୁମ୍ଭେ ନାଥ !
ଜାଣ ନାହିଁ ସ୍ୱର୍ଗର ଦୁର୍ଦ୍ଦଶା ?
ହାୟ ! ଦୈତ୍ୟକୁଳ ପ୍ରବଳ ସମରେ–
ଲୋଟଇ ତ୍ରିଦଶାଳୟ–
ଲଣ୍ଡଭଣ୍ଡ କରେ ପାମର ଅସୁର !
ପ୍ରେରିଛନ୍ତି ତବ ଆଶେ ଦେବ ଅସୁରାରି ଶିଳ୍ପୀବର !
ହାୟ ! ଆଉ କି ଆମର ପୂର୍ବାବସ୍ଥା ଅଛି ? ଅସୁର ପାମରମାନେ ଦେବକୁଳକୁ ଉଚ୍ଛନ୍ନ କରି ଦେବରାଜଙ୍କୁ ରାଜ୍ୟଚ୍ୟୁତ ଲାଞ୍ଛିତ କରିଛନ୍ତି। ଆପଣ ସୃଷ୍ଟି ସୀମାନ୍ତରେ ତିମିରିତ ଦେଶରେ ଭୂମଣ୍ଡଳର ଗୋଟିଏ ନିର୍ଜନ ପ୍ରାନ୍ତରେ ରହିଥିବା ହେତୁ ସ୍ୱର୍ଗର ସମ୍ବାଦ ପାଇ ନ ଥିଲେ।

ବିଶ୍ୱକର୍ମା – ବଡ଼ ଅଦ୍ଭୁତ କଥା ! ଦେବତାଙ୍କର ପରାଜୟ, ପୁଣି ଦାନବଗଣଙ୍କର ସ୍ୱର୍ଗ ରାଜ୍ୟରେ ରାଜତ୍ୱ ! ଦେବତାଙ୍କୁ ଦୁଷ୍ଟ ଅସୁରମାନେ ଅପମାନ କରିଛନ୍ତି କିପରି ? ସବୁ ଘଟଣା କାର୍ଯ୍ୟ କାରଣ ପରମ୍ପରାରେ କହ।

କୁମାର – ମହାଭାଗ ! ବିଳମ୍ବ ଅସହ୍ୟ। ଶୀଘ୍ର ମନୋରଥ ଯାନରେ ଗତି କରନ୍ତୁ। ଦେବରାଜ ବଡ଼ ଅସ୍ଥିର ପ୍ରତୀକ୍ଷାରେ ବସିଛନ୍ତି–ଆପଣଙ୍କ ପାଇଁ।

## ଷଷ୍ଠ ଦୃଶ୍ୟ

**– ଇନ୍ଦ୍ର ଭୁବନ –**

**( ବିଶ୍ୱକର୍ମା କୁମାରଙ୍କ ସହ ଇନ୍ଦ୍ରଭୁବନରେ ପ୍ରବେଶ କଲେ )**

ଇନ୍ଦ୍ର – ବିଶ୍ୱକର୍ମାଙ୍କର ଜୟ ହେଉ !

ଦେବଗଣ – ମହାତ୍ମନ୍ ! ଆପଣ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ। ଏତିକି ପ୍ରାର୍ଥନା। ବିଧାତା ବରରେ ସୁନ୍ଦ ଉପସୁନ୍ଦ ସମୁଦ୍ର ମନ୍ଥନ ବେଳେ ଅମୃତ ଖାଇ ଅମର ହୋଇ ପାରିଛନ୍ତି। ଦେବରାଜ୍ୟ ଜୟ କରି ସେମାନେ ସ୍ୱର୍ଗର ରାଜା

ହୋଇଛନ୍ତି । ଆପଣ ସୁନ୍ଦ ଉପସୁନ୍ଦଙ୍କର କଳହ ସୃଷ୍ଟି ଉଦ୍ଦେଶ୍ୟରେ ଏପରି ଗୋଟିଏ ଅନିନ୍ଦ୍ୟା ନାରୀ ଗଠନ କରନ୍ତୁ, ଯାହା ଦ୍ୱାରା ଦେବତାଙ୍କର ଅଭୀଷ୍ଟ ସିଦ୍ଧି ହେବ । ତାହା ନ ହେଲେ ଦାନବ ଯୁଦ୍ଧରେ ଅଜେୟ ।

ବିଶ୍ୱକର୍ମା – ଆପଣମାନଙ୍କର ନିର୍ଦ୍ଦେଶ ନିଶ୍ଚୟ ପାଳନ କରିବି । ତିମିରିତ ମେରୁ ସମୁଦ୍ର କୂଳରେ ତ୍ରିଦିବର ବହୁ ଦୂରରେ ମର୍ତ୍ତ୍ୟର ସୃଷ୍ଟି ସୀମାରେଖା ନିକଟରେ ଯେ ମେରୁ ପର୍ବତ ତୁଷାର କିରୀଟ ଘେନି ଉଭା ହୋଇ ରହିଛି । ସେହିଠାରେ ମୋର ବାସଗୃହ । ସଂସାରର ଜଞ୍ଜାଳ ମୋତେ ସ୍ପର୍ଶ କରେ ନାହିଁ । ଦେବାସୁର ସଂଗ୍ରାମରେ ଦେବତାଙ୍କର ପରାଜୟ ବାର୍ତ୍ତା ମଧ୍ୟ ମୋ ପକ୍ଷରେ ନୂତନ ସମ୍ବାଦ ।

ଇନ୍ଦ୍ର – ଶିଳ୍ପୀରାଜ ! ବର୍ତ୍ତମାନ ଆପଣଙ୍କ ଦୟା ଉପରେ ସମଗ୍ର ଦେବଶକ୍ତି ନିର୍ଭର କରୁଛି ।

( ବିଶ୍ୱକର୍ମା ଧ୍ୟାନସ୍ଥ ହୋଇ ବ୍ରହ୍ମାଙ୍କ ପ୍ରଦତ୍ତ ସୃଷ୍ଟିବୀଜ ମନ୍ତ୍ର ଉଚ୍ଚାରଣ କଲେ)

ବିଶ୍ୱକର୍ମା – ବ୍ରହ୍ମାଙ୍କ ବରରେ ମୁଁ ଯାହାକୁ ସ୍ମରଣ କରିବି, ସେ ମୋ ନିକଟକୁ ଆସିବ । ମୁଁ ଧ୍ୟାନସ୍ଥ ହୁଏଁ ।

( ବିଶ୍ୱକର୍ମା ଧ୍ୟାନସ୍ଥ ହୋଇ ଏକ ଅନିନ୍ଦ୍ୟ ସୁନ୍ଦରୀ ଲଳନା ସୃଷ୍ଟି କଲେ । ଶେଷରେ ଅମୃତ ସଂଚାର କରି ଦେବଶିଳ୍ପୀ ଏହି ଅପରୂପ ଅପୂର୍ବ କାମିନୀକୁ ଜୀବନ୍ୟାସ କଲେ । ଜୀବନ୍ୟାସ ପାଇ ଜୀବନ୍ତ ନାରୀ ଉଭା ହେଲେ । ଏହି ସମୟରେ ଦେବଗଣ ଆସି ପ୍ରବେଶ କଲେ । )

ବିଶ୍ୱକର୍ମା – ହେ ଇନ୍ଦ୍ରାଦି ଦେବଗଣ ! ଏବେ ଆପଣଙ୍କ ଅଭୀଷ୍ଟ ସିଦ୍ଧି ହେଲା ତ ?

ଇନ୍ଦ୍ର – ହେ ଦେବଶିଳ୍ପୀ ! ତୁମ ଅପୂର୍ବ ସୃଷ୍ଟିର ତୁଳନା ନାହିଁ । ଯେଣୁ ସ୍ଥାବର ଜଙ୍ଗମ ଭୂତାତ୍ମକ ପ୍ରକୃତିର ସୌନ୍ଦର୍ଯ୍ୟ ପସରାରୁ ତିଳ ତିଳ ସୁଷମା ଆହୃତ ହୋଇ ଏ ନାରୀର ସୃଷ୍ଟି ହୋଇଛି । ତେଣୁ ଏହାର ନାମ ତିଳୋତ୍ତମା ରଖାଯାଉ ।

ବିଶ୍ୱକର୍ମା – ତଥାସ୍ତୁ ।

ଇନ୍ଦ୍ର – ମନ୍ମଥ କାହାନ୍ତି ?

ମନ୍ମଥ – ଆଜ୍ଞା !

ଇନ୍ଦ୍ର – ତୁମେ ମଧୁକର ଋତୁରାଜଙ୍କୁ ସଙ୍ଗରେ ଘେନି ଏହି ନାରୀ ସହିତରେ ଅବିଳମ୍ବେ ସୁନ୍ଦ ଉପସୁନ୍ଦଙ୍କ ନିକଟରେ ଉପସ୍ଥିତ ହୁଅ ।

ମଦନ – (ନମସ୍କାର କରି) ଯେ ଆଜ୍ଞା !

ଇନ୍ଦ୍ର – କାର୍ତ୍ତିକେୟ ! ତୁମେ ଦେବ-ସେନାପତି । ଆମର ସୈନ୍ୟମାନଙ୍କୁ ଖାଣ୍ଡବ ବନକୁ ଅଧେ, ଆଉ ଅଧେ କାମ୍ୟକ ବନକୁ ପଠାଇ ଦିଅ । ସେମାନେ ଜାଗ୍ରତ ରହିଥିବେ । ସୁନ୍ଦ ଉପସୁନ୍ଦ ପରସ୍ପର ବିବଦମାନ ହେଲେ, ତାର ଶେଷଫଳକୁ ଅପେକ୍ଷା ନ କରି ଦୈତ୍ୟନାଶ କରିବାକୁ ଆଦେଶ ଦେବେ । ଏହା ମୋର ଇଚ୍ଛା ଓ ତୁମକୁ ଆଦେଶ ।

କାର୍ତ୍ତିକେୟ – ଦେବରାଜଙ୍କ ଆଦେଶ ଶିରୋଧାର୍ଯ୍ୟ ।

ଦେବଗଣ – ଆସ ସେନାପତି, ସମସ୍ତେ ଦେବସେନା ଗହଣରେ ବର୍ତ୍ତମାନ ଆତ୍ମଗୋପନ କରି ରହିବାପାଇଁ ବନ ପ୍ରବେଶ କରିବା ।

## ସପ୍ତମ ଦୃଶ୍ୟ

(ସୁନ୍ଦ ଉପସୁନ୍ଦଙ୍କ ରାଜଦରବାର, କାଳକେତୁ, ଧୂମ୍ରକେତୁ, ସେନାପତିଗଣ, ଦାନବଗଣ, ଅପ୍‌ସରାଗଣ ଉପସ୍ଥିତ ରହିଛନ୍ତି ।

ଉପସୁନ୍ଦ – (ହସି) ଭାଇ ! ଯେଉଁ ଇନ୍ଦ୍ର ବୃତ୍ରାସୁର ବଧ କଲା, ଯେଉଁ ନପୁଂସକ କାର୍ତ୍ତିକେୟ ତ୍ରିପୁରାସୁର ସଂହାର କଲା, ସେମାନଙ୍କ ଆସ୍ଫାଳନ ଆଉ ଶୁଭେ ନାହିଁ । ସେମାନଙ୍କ ବାହୁ ଆଜି ଦୁର୍ବଳ, ଆମେ ଅମର, ଯେତେଦିନ ସୂର୍ଯ୍ୟଚନ୍ଦ୍ର ରହିଥିବେ, ସେତେକାଳ ଆମର ରାଜତ୍ୱ, ଆଉ ଅସୀମ କ୍ଷମତାର ବିନାଶ ନାହିଁ ।

କାଳକେତୁ – ମହାରାଜ ! ଅମର ତ କେହି ନୁହନ୍ତି ? ଦେବତାମାନେ ଅମର । ମାତ୍ର ବିଧାତା ଆପଣମାନଙ୍କୁ ଅମରବର ଦେଇ ପ୍ରାକୃତିକ ନିୟମର ବ୍ୟତିକ୍ରମ କରିଛନ୍ତି । ତେଣୁ ଏହା ଅତି ଅସମ୍ଭବ ବୋଧହୁଏ ।

ଧୂମ୍ରକେତୁ – ଯଥାର୍ଥ କହିଲ କାଳକେତୁ ! ଏହା ମୋର ମଧ୍ୟ ବିଶ୍ୱାସ ହୁଏ ନାହିଁ । ବ୍ରହ୍ମା ତ ଦେବ-ପିତାମହ !

ସୁନ୍ଦ – ତପସ୍ୟା ଆଉ ପୁଣ୍ୟ ବଳରେ ଇନ୍ଦ୍ର ସ୍ୱର୍ଗରେ ରାଜା ହୋଇ ଅମର ହୋଇଛି । ଆମେ ଆଜି ତା ପରି ପ୍ରତାପୀ ରାଜାକୁ ଆମର କିଙ୍କର କରିପାରିଛୁଁ । ଅର୍ଥାତ୍ ଇନ୍ଦ୍ରଠାରୁ ଆମର ତପୋବଳ ବେଶି । ଭଗବାନ ନୃସିଂହ ଅବତାର ହେଲାବେଳେ ଆମର ପିତାମହ ହିରଣ୍ୟକଶିପୁ ଦୈତ୍ୟକୁ ବିଦାରଣ କରିଥିଲେ । ସେହି ହିରଣ୍ୟକଶିପୁର ପୁତ୍ର ନିକୁମ୍ଭାସୁରର ପୁତ୍ର ଆମ୍ଭେମାନେ । ଆମ୍ଭମାନଙ୍କର ବିନ୍ଧ୍ୟଗିରିରେ ଅୟୁତ ବର୍ଷ ତପସ୍ୟା ଫଳରେ ବ୍ରହ୍ମା ସନ୍ତୁଷ୍ଟ ହୋଇ ଆମକୁ ଅମର ବର ଓ ସ୍ୱର୍ଗ ରାଜ୍ୟ ଦାନ କରିଛନ୍ତି । ତେବେ ଭ୍ରାତୃ ବିରୋଧରେ ଆମର ମୃତ୍ୟୁ ହେବ ବୋଲି ଧାତା କହିଛନ୍ତି । ଆମେ ମଧ୍ୟ ଭ୍ରାତୃବିରୋଧୀ ହେବୁନାହିଁ ବୋଲି ତାଙ୍କୁ ବର ମାଗିଛୁଁ ।

ଧୂମ୍ରକେତୁ – (ଆନନ୍ଦରେ) ତା' ହେଲେ ଆଉ ଚିନ୍ତା ନାହିଁ । ଆପଣମାନେ ନୀରକ୍ଷୀର ତୁଲ୍ୟ ଦୁଇ ଦେହରେ ଏକପ୍ରାଣ ହୋଇ ମିଳିତ ଭାବରେ ଅବସ୍ଥାନ କରନ୍ତୁ । ଜଣକର ଚିନ୍ତା ଅନ୍ୟଙ୍କଠାରେ ପ୍ରତିବିମ୍ବିତ ହୁଏ–କାୟାର ଛାୟାଭଳି । ଆପଣମାନେ ଜଗତରେ ଅଜର, ଅମର, ଅଜେୟ ।

କାଳକେତୁ – ଆପଣଙ୍କ ଭୟରେ ଦେବଲୋକ ତ୍ରସ୍ତ । ସେଥିପାଇଁ ସେମାନେ ସମସ୍ତେ ବନବାସ କରୁଛନ୍ତି ।

ଦୈତ୍ୟକୁଳ– (ଦୀର୍ଘ ଅଟ୍ଟହାସ୍ୟରୋଳ)

ସୁନ୍ଦ – ତୁମେମାନେ ବହୁ କଷ୍ଟ ପାଇଛ । ବର୍ତ୍ତମାନ କିଛି ଆନନ୍ଦ କର, ଆମୋଦ ପ୍ରମୋଦ କର; ବିଶ୍ରାମ ସୁଖ କର– ଯୁଦ୍ଧକ୍ଳାନ୍ତି ଦୂର କରିବା ଆବଶ୍ୟକ ।

ଦୈତ୍ୟଗଣ – ଜୟ ସୁନ୍ଦ ଉପସୁନ୍ଦଙ୍କର ଜୟ ।

ସୁନ୍ଦ – ଚାଲ ଭାଇ ଉପସୁନ୍ଦ ! ଆମେ ଦୁହେଁ ମୃଗୟା ବିନୋଦ କରିବାକୁ ବନରୁ ବନାନ୍ତରକୁ ଯିବା । ସସାଗରା ଧରଣୀର

କୁସୁମକୁନ୍ତଳାବେଶ ବନାନୀର ଗଭୀରତମ ଦେଶରେ ଅତି ସୁନ୍ଦର–ମନୋଜ୍ଞ। ବହୁକାଳ ଦେବସେନାଙ୍କ ସହିତ ସମର ଅଭିଯାନ କରି ଆଉ ନିଶ୍ଚିନ୍ତ ଆନନ୍ଦ ବିନୋଦନର ଅବସର ହୋଇ ନାହିଁ।

ଉପସୁନ୍ଦ – (ଆହ୍ଲାଦରେ) ଚାଲ ଭାଇ ଧୂମକେତୁ, କାଳକେତୁ, ରକ୍ତବାହୁ, ପାତ୍ରମନ୍ତ୍ରିଗଣ ! ଚାଲ ଆଜି ରାଜଗହଣରେ ବନ ଗହନକୁ ମୃଗୟା କରି ଯିବା। ଅଶ୍ୱ, ଗଜ, ପଦାତିକ, ଅସ୍ତ୍ର ରଥ ସମସ୍ତ ସାଜ ସରଞ୍ଜାମ ଆଣି ଠୁଳକରି ବିନୋଦ ଯାତ୍ରାର ଅନୁରୂପ ବ୍ୟବସ୍ଥା କର।

କାଳକେତୁ– ଚକ୍ଷୁ ପଲକ ମାତ୍ରେ ତାହା ସବୁ ସଜ୍ଜିତ ହେବ ସମ୍ରାଟ, ପ୍ରସ୍ତୁତ ହେଉନ୍ତୁ !

ସୁନ୍ଦ – ଅପ୍ସରାଗଣଙ୍କୁ ଆମ୍ଭମାନଙ୍କର ପ୍ରମୋଦ ସହଚରୀ ରୂପେ ସଙ୍ଗେ ସଙ୍ଗେ ଯିବାକୁ ହେବ–

(ଘନବନସ୍ଥଳରେ ଭ୍ରମଣକ୍ଳାନ୍ତ ତିଳୋତ୍ତମାର ପ୍ରବେଶ)

ତିଳୋତ୍ତମା– ଓଃ, ବିଧାତା ମୋ ଭାଲରେ କି ଏହିପରି ଦୁଃଖକଷ୍ଟ ଲେଖିଥିଲା ? କେଜାଣି, ତାହା ସେ ଜାଣେ। ଘନତିମିରିତ ବନ୍ଧୁର ବନପଥ ଅତିକ୍ରମ କରି ସେ ଦୁଃଖ ମୁଁ ବୁଝିପାରୁଛି। (ଦୂରକୁ ଚାହିଁ) ଓଃ, ଅନତି ଦୂରରେ କି ସୁନ୍ଦର ସ୍ଫଟିକପରି ସ୍ୱଚ୍ଛ ତରଳ ରଜତସ୍ରୋତା ଜଳରାଶି ! ଯାଏଁ ସେହି ସରୋବର ତୀରରେ କିଛିକ୍ଷଣ ବିଶ୍ରାମ କରେଁ। (ତିଳୋତ୍ତମା ପଥ ଅତିକ୍ରମ କରି ସରୋବର ସୋପାନରେ କ୍ଳାନ୍ତ ତନୁକୁ ଢାଳି ଦେଇ ବିଶ୍ରାମ କଲା। କ୍ଷଣକାଳ ବିଶ୍ରାମ ପରେ ସରୋବରରେ ନିଜର ପ୍ରତିବିମ୍ବ ଦେଖି ଅବୋଧ ଭଳି ସ୍ୱଗତ ଉକ୍ତି କଲା।) ଆହା, ଏପରି ମନୋହର ରୂପକାନ୍ତି ପୃଥିବୀର ଚକ୍ଷୁ କେବେ ଦେଖିଛି କି ! ପିତାମହ ବ୍ରହ୍ମାଙ୍କ ନିଳୟରେ ଦେଖିଛି ସୁନ୍ଦରୀଶ୍ରେଷ୍ଠା ଇନ୍ଦ୍ରାଣୀଙ୍କୁ, ବିଦ୍ୟାଧରୀ କିନ୍ନରୀଗଣଙ୍କୁ, ଦେବବାଳାମାନଙ୍କୁ। କିନ୍ତୁ ଏ ଲଳନାର ପଦରଜ ସହିତ ସେମାନଙ୍କର ତୁଳନା ହୁଏ ନାହିଁ। ମନେ ହୁଏ, ଏ ଅବା ବନ ଦେବୀ ହୋଇଥିବେ ! ଏହି ଅତୁଳା ନାରୀଙ୍କର କିଙ୍କରୀ ପଣରେ ରହି ପଦସେବା କରିବାକୁ ଚିତ୍ତ ବଳେ। ହେ ଭଗବତୀ ! ତୁମେ ଜଳଦେବୀ ହୁଅ ଅବା ବନଦେବୀ ହୁଅ, ପ୍ରତ୍ୟକ୍ଷୀଭୂତା ହୋଇ ମୋତେ ଦର୍ଶନ ଦିଅ।

(ଏହା କହି ତିଳୋତ୍ତମା ଭକ୍ତି ଭାବରେ ପ୍ରଣାମ କଲା। ଜଳ ପ୍ରତିବିମ୍ବ ମଧ୍ୟ ସେହିପରି ପ୍ରଣାମ କଲା ତିଳୋତ୍ତମାକୁ।)

ତିଳୋତ୍ତମା– (ବିସ୍ମୟରେ) କିଏ ତୁମେ, ସ୍ୱଚ୍ଛ ନୀଳଜଳ ମଧ୍ୟରେ କିଏ ତୁମେ ? ହେ ଦେବୀ, ହେ ସୁନ୍ଦରୀ ଶ୍ରେଷ୍ଠା !

(ଧ୍ୱନି କାନନରେ ପ୍ରତିଧ୍ୱନିତ ହେଲା। ତିଳୋତ୍ତମା ଭୟ ବିହ୍ୱଳ ହୋଇ ଆତଙ୍କରେ ଡାକିଲା–"ପିତାମହ ବ୍ରହ୍ମା," ତାପରେ ସେଠାରେ ମୂର୍ଚ୍ଛିତା ହୋଇ ପଡ଼ିଲା। ବସନ୍ତ ସହ ମଦନ ହସି ହସି ସେହି ଠାବରେ ଉପସ୍ଥିତ ହେଲେ। ତିଳୋତ୍ତମାକୁ ଜଳସିଞ୍ଚି ସାଷ୍ଟମ କରାଇଲେ।)

ମଦନ – ତିଳୋତ୍ତମା ! କାହିଁକି କାହାକୁ ଭୟ କରୁଚ ମୃଗାକ୍ଷି ? ହେଇଟି ଚାହିଁ ଦେଖ। ବସନ୍ତ ସହିତ ତମ ସଙ୍ଗରେ ଅଦୃଶ୍ୟ ଭାବରେ ମୁଁ ରହିଛି। ଆମେ ଦୁଇଜଣ ଅଲକ୍ଷ୍ୟରେ ତୁମ ପଥ ଅନୁସରଣ କରି ଚାଲିଛୁଁ।

ତିଳୋତ୍ତମା– ମଦନ; ତୁମେ ବସନ୍ତ ସହିତ ମୋର ଅଙ୍ଗରକ୍ଷୀ ହୋଇ ଆସିଛ ବୋଲି ତ ମୁଁ ଜାଣେ ନାହିଁ ? ଗୋଟିଏ ପରମାସୁନ୍ଦରୀ ନାରୀକୁ ଜଳ ଦର୍ପଣରେ ଦେଖି ତାର ଲୋକୋତ୍ତର ସୌନ୍ଦର୍ଯ୍ୟରେ ମୁଁ ବିହ୍ୱଳା ହୋଇ ପଡ଼ିଲି। ଦେବୀ ବୋଲି ମନେ କରି ପ୍ରଣାମ କଲି, ମାତ୍ର ସେହି ନାରୀର ଅସ୍ତିତ୍ୱ ଖୋଜି ନ ପାଇ ଭୀତତ୍ରସ୍ତ ହୋଇ ପଡ଼ିଲି। ମୋର ବୁଦ୍ଧିବିଭ୍ରମ ଘଟିଲା ମୁହୂର୍ତ୍ତକ ପାଇଁ।

ବସନ୍ତ – ତିଳୋତ୍ତମେ ! ଯେଉଁ ପ୍ରତିମା ବିମ୍ବ ଜଳଦର୍ପଣରେ ଦେଖିଲ, ତାହା ତୁମରି ନିଜ ରୂପ ! ତୁମରି ମଧୁର ଧ୍ୱନିର ପ୍ରତିଧ୍ୱନି କରୁଛି ନୀଳ ବନରାଜି କୋଳରେ ରହିଥିବା ନୃତ୍ୟରତା ମୟୂରୀ। ଏରୂପ ସମ୍ଭାର ଦେଖି ନାରୀ ହୋଇ ତୁମେ ଯଦି ଏପରି ବିବଶା ହୁଅ, ଭାବି ଦେଖିଲ, ତୁମର ଦର୍ଶନଲାଳସୀ ପୁରୁଷକୁଳଙ୍କ ଦଶା କିପରି ହେବ ?

ମଦନ – ବୃଥା ବାକ୍ୟ ବ୍ୟୟରେ ବିଳମ୍ବ କରି ଲାଭ ନାହିଁ। ଶୀଘ୍ର ଯାଅ ରୂପସୀ...ନିକଟରେ ଦୈତ୍ୟରାଜଙ୍କୁ ଭେଟିବ।

(ତିଳୋତ୍ତମା ଧୀର ପଦକ୍ଷେପରେ ମରାଳ ଗମନରେ କାନନ ପଥରେ ଅଗ୍ରସର ହେଲା। ଲତା, ମହୀରୁହ, କୋକିଳ, ଅଳି, କପୋତୀମାନେ ନାରୀକୁ ପଥରେ ସେମାନଙ୍କ ନିକଟରେ କ୍ଷଣେ ବିଶ୍ରାମ କରିବାକୁ ଅନୁରୋଧ କଲେ। କୁସୁମାଞ୍ଜଳି ଦେଲେ। ଛାୟା ସୁନ୍ଦରୀ ତରୁବରରେ ପୁଷ୍ପ ଫଳ ସଜାଇ ସଖୀ ଭାବରେ ବରଣ କରି କହିଲେ– ହେ ସୁନ୍ଦରୀ, କ୍ଷଣକ ପାଇଁ ଏହି ତରୁ ତଳେ ଉପବେଶନ କର। ମୁଁ ତୁମକୁ ସୁଶୀତଳ ଛାୟା ଦାନ କରିବାକୁ ପ୍ରତୀକ୍ଷା କରୁଛି। ବନଚରଗଣ ଓ ପାର୍ବତ୍ୟ କନ୍ୟାଗଣ କହିଲେ–ହେ ସୁନ୍ଦରୀଶ୍ରେଷ୍ଠା, ଏହି ଦଣ୍ଡକ ବନରେ ବୈଦେହୀ ନିବାସ କରିଥିଲେ। ତୁମେ ବିଶ୍ରାମ କର।)

ମଦନ – (ସହାସ୍ୟେ କୌତୁକରେ) ଆହା, ବିଧାତାଙ୍କର କି ଅପୂର୍ବଲୀଳା ! ଏ ନାରୀକୁ ଦେଖି ଧରିତ୍ରୀ ବନସ୍ପତି ମଧ୍ୟ ପାଗଳ।

(ସୁନ୍ଦ ଉପସୁନ୍ଦ ଆମୋଦ ଉତ୍ସବରେ ମତ୍ତ। ଭୋଜନ, ପାନ, ଗାନ। ଅପ୍‌ସରା ମେଳରେ ଆମୋଦ ମତ୍ତ। ବନସ୍ଥଳୀରେ ଦାନବ ସେନାଗଣ ଆମୋଦ ମତ୍ତ। ଅଶ୍ୱ, ଗଜ, ପଦାତିକମାନେ ଅସ୍ତ୍ର ଝନତ୍‌କାରରେ ନିଜର ପୌରୁଷ ପ୍ରଦର୍ଶନ କରୁଛନ୍ତି। ସୁନ୍ଦ ଉପସୁନ୍ଦ ବନ ବନାନ୍ତ ଭ୍ରମଣ କରୁ କରୁ ତିଳୋତ୍ତମାକୁ ପୁଷ୍ପାସ୍ତରଣରେ ଆସୀନ ଦେଖିଲେ।

ଉପସୁନ୍ଦ – ଭାଇ ସୁନ୍ଦ ! କି ଆଶ୍ଚର୍ଯ୍ୟ ଦୃଶ୍ୟ ଦେଖିଲଣି ? ମଳୟ ସମୀର ସୁଦୂର ବନାନୀ ବୁକୁରୁ ଅଜଣା ପୁଷ୍ପସୁରଭି ଚନ୍ଦନସିକ୍ତ କରି ବାହି ଆଣୁଛି। ଏ ଅକାଳରେ ବସନ୍ତ କିପରି ଆସିଲା ? ଚାଲ ଭାଇ; ଦେଖିବା କେଉଁ କୁଞ୍ଜ କାନନରୁ

ଏପରି ସୁରଭି ମଳୟ ବହି ଆଣୁଛି । ଆଃ ଭ୍ରମର ଗୁଡ଼ିକ ଦୂରରେ ଉଡ଼ିବା ଦେଖି ମନେ ହେଉଛି, ନିକଟରେ ସରୋବରରେ କମଳିନୀ ମୃଣାଳ ଉପରେ ଫୁଟିଛି । ତା'ର ମାଦକ ଗନ୍ଧ ଭ୍ରମରକୁଳଙ୍କୁ ଅସହ୍ୟ ହୋଇଛି ।

ସୁନ୍ଦ – ଭାଇ; ଏ ସସାଗରା ଧରା, ଦ୍ୟୁଲୋକ ଭୂଲୋକ ଗ୍ରହ ଉପଗ୍ରହ, ସୂର୍ଯ୍ୟ ଚନ୍ଦ୍ର ତାରା ସମସ୍ତେ ଯେପରି ଆମରି ଜୟ ଗାଥା ଗାଇ ପୁଲକିତ ହେଉଛନ୍ତି । ଯେତେବେଳେ ଆମର ପ୍ରଜାକୁଳ ସୁଖୀ, ସେତେବେଳେ ଏ ଗହନ ବିପିନର ଦେବତା କ'ଣ ପାଇଁ ତାଙ୍କର ଆନନ୍ଦ ବାର୍ତ୍ତାର ପ୍ରତୀକ ମଳୟକୁ ସୁରଭିତ କରି ଆମ ନିକଟକୁ ପଠାଇବେ ନାହିଁ କହିଲ ? ବନଦେବୀ ପୁଷ୍ପାସ୍ତରଣରେ ଆମକୁ ଅଭିବାଦନ କରିଛନ୍ତି ବୋଲି ମନେ କରେଁ ।

ଉପସୁନ୍ଦ – ରାଜକାର୍ଯ୍ୟରୁ ଅବସର ବିନୋଦନ ପାଇଁ ଆସିବା ସାର୍ଥକ ହୋଇଛି, ଭାଇ ! କି ଆନନ୍ଦମୟ ସତେ ଏ ନିକାଞ୍ଚନ ବନସ୍ଥଳି ! ଅରଣ୍ୟ ଦେବତାର କି ଆକର୍ଷଣୀଶକ୍ତି ! ମୋର ସମସ୍ତ ଚେତନା ଯେପରି ଆରଣ୍ୟକ ମାଦକ ଆକର୍ଷଣରେ ବିମୂଢ଼ ହୋଇ ଯାଉଛି–ଇଚ୍ଛା ହେଉଛି, ଏହିଠାରେ ବାସ କରେ ।

(ସୁନ୍ଦ ଉପସୁନ୍ଦ ବନଭ୍ରମଣ କରି ରଥରୁ ଅବତରଣ କଲେ, ଖଣ୍ଡିଏ ସ୍ଫଟିକ ଆସନରେ ଦୁଇ ଭାଇ ବସିଲେ କ୍ଳାନ୍ତି ଦୂର କରିବାକୁ ।)

ତିଲୋତ୍ତମା– (ଭୀତକଣ୍ଠରେ) ଓଃ ! କିଏ ଏମାନେ ? ଏମାନଙ୍କ ଦୀର୍ଘବପୁ ଦେଖି ମୋର ହୃଦୟ କମ୍ପିତ ହେଉଛି, ଆଉ ଶରୀର ମଧ୍ୟ ଘର୍ମାକ୍ତ ହେଉଛି । ଏ ଇନ୍ଦ୍ରସମ ରୂପଲାବଣ୍ୟ ସମ୍ପନ୍ନ ଯୁବକଦ୍ୱୟ କିଏ ସେ ? ଅସାମାନ୍ୟ ଏମାନଙ୍କର ଦୀର୍ଘ ଶରୀରର ପରାକ୍ରମ ! ମଦନ କହୁଥିଲେ ଯେଉଁ ଦୈତ୍ୟମାନଙ୍କ କଥା, ଏମାନେ କ'ଣ ସେହି ଦୈତ୍ୟ ?

(ଏକ ଦୃଷ୍ଟିରେ ସୂର୍ଯ୍ୟମୁଖୀ ସୂର୍ଯ୍ୟଙ୍କୁ ଚାହିଁଲାଭଳି ଚାହିଁ ରହିଲା ତିଲୋତ୍ତମା ଦୈତ୍ୟଦ୍ୱୟଙ୍କୁ)

ସୁନ୍ଦ – କି ଆଶ୍ଚର୍ଯ୍ୟ ! ଏ ବନ ନିକୁଞ୍ଜରେ ଉଜ୍ଜ୍ୱଳ ପ୍ରଦୀପଶିଖା ରୂପିଣୀ ଏ ନାରୀ କିଏ ? ନା ଏ ଗୌରୀ, ଭଗବତୀ ମୂର୍ତ୍ତି ? ଚାଲ ଯାଇ ତାଙ୍କ ପଦରେ ପୁଷ୍ପାଞ୍ଜଳି ଦେଇ ପୂଜା କରିବା । ଦେବୀ ବରଦା ହେବେ ।

(ସୁନ୍ଦ ଉପସୁନ୍ଦ ତୀବ୍ର ବେଗରେ ତିଲୋତ୍ତମା ନିକଟକୁ ଗମନ କଲେ)

ବସନ୍ତ – ହେ ମନ୍ମଥ ! ଏହି ପ୍ରକୃଷ୍ଟ କାଳରେ ତୁମର ତୀକ୍ଷ୍ଣ ପଞ୍ଚସାୟକରୁ ଦୈତ୍ୟମାନଙ୍କୁ ବାଣ ବିଦ୍ଧ କର । ଦେବରିପୁଙ୍କ ବିନାଶ କରିବାରେ ବିଳମ୍ବ କର ନାହିଁ ।

(ଅନ୍ତରୀକ୍ଷରୁ କୁସୁମ ଶର ବୃଷ୍ଟି ହୋଇ ଅସୁରମାନଙ୍କୁ ଅତିଷ୍ଠ କଲା । ମଦନ ଶରରେ ଜର୍ଜରିତ କଳେବର ହୋଇ ସୁନ୍ଦ ଉପସୁନ୍ଦ ଦୁହେଁ ଅଙ୍ଗନାକୁ ଧରି ପକାଇଲେ ।

ଉପସୁନ୍ଦ – (କ୍ରୋଧରେ) ବୀରଶ୍ରେଷ୍ଠ ! ଏ ନାରୀ ଉତ୍ତମା ତିଲୋତ୍ତମା ସମ୍ପର୍କରେ ତୁମର ଭ୍ରାତୃବଧୂ ହେବ । ତୁମେ କ'ଣପାଇଁ ଏ ନାରୀକୁ ସ୍ପର୍ଶ କରୁଛ ?

ସୁନ୍ଦ – ବଡ଼ ଆଶ୍ଚର୍ଯ୍ୟ କଥା କହିଲ ଭାଇ ! ତୁମ ସମ୍ମୁଖରେ ମୁଁ ଯେ ଏହିକ୍ଷଣି ଏ କନ୍ୟାରତ୍ନକୁ ବରଣ କଲି ? ଏ ନାରୀ ମୋର ପତ୍ନୀ। ତୁମେ ଏ ନାରୀର ଦେବର ହେବ। ତୁମର ମାତୃସ୍ଥାନୀୟା, ଗୁରୁସ୍ଥାନୀୟା। ଏ ନାରୀର ହସ୍ତମୁକ୍ତ କର–ଏହାକୁ ସ୍ପର୍ଶ କର ନାହିଁ।

ଉପସୁନ୍ଦ – (ପ୍ରଜ୍ୱଳିତ ହୁତାଶନ ସମ ମହାକୋପରେ) ରେ ଅଧର୍ମାଚାରୀ! କୁଳାଙ୍ଗାର ! ଭ୍ରାତୃବଧୂକୁ ଦୈତ୍ୟମାନେ ମାତୃସମ ମଣିଥାନ୍ତି। ନିର୍ଲଜ୍ଜ ତୁ ଅଧୀର ହୋଇ ତୁ ପୁଣି ତା'ର ଅଙ୍ଗ ସ୍ପର୍ଶ କରୁଛୁ ?

ସୁନ୍ଦ – କ'ଣ କହିଲୁ ପାମର ? ମୁଁ ପାପାଚାରୀ, ଅଧର୍ମାଚାରୀ, ଧିକ୍ ଧିକ୍ ତୋତେ – ଧିକ୍ ଦୁଷ୍ଟମତି । ପାପିଷ୍ଠ ଶୃଗାଳ ହୋଇ ସିଂହୀ ସହିତ ମିଳନ ବାଞ୍ଛା ? ରେ ବର୍ବର ! ତୋର ଉପଯୁକ୍ତ ଶାସ୍ତି ବିଧାନ କରିବି ।

(ସୁନ୍ଦ ଅସି ନିଷ୍କାସିତ କରିବା ଦେଖି ହୁଂକାର କରି ଉପସୁନ୍ଦ ନିଜର ଅସ୍ତ୍ର ଧାରଣ କଲା । ଦୁହିଁଙ୍କ ଅସ୍ତ୍ର ଦୁହିଁଙ୍କୁ କ୍ଷତବିକ୍ଷତ କରିଦେଲା । ଦୁହେଁ ରକ୍ତସ୍ନାତ ହୋଇ ଭୂତଳଶାୟୀ ହେଲେ । କେତେ କ୍ଷଣ ପରେ ସୁନ୍ଦ ଚେତନା ପାଇ ଉଠିଲା ।

ସୁନ୍ଦ – ଓହୋ, କି କୁକର୍ମ କଲି ! ପୂର୍ବକଥା, ପିତାମହଙ୍କ ବରଦାନ ସର୍ତ୍ତ ଭୁଲିଗଲି। ଏତେ ତପସ୍ୟା କରି ବିଧାତା ତୋଷି ଯେ ବର ମିଳିଲା, ଏହା କି ତୋର ଶେଷ ଫଳ ହେଲା ! ବାଲି ବକ୍ଷରେ କୃତ୍ରିମ ସୌଧ ନିର୍ମାଣିଥିଲି କାହିଁକି ? କାମମଦରେ ଯେଉଁ ଦୁର୍ମତିମାନେ ମତ୍ତ ହୁଅନ୍ତି, ସେମାନଙ୍କର ଏହି ଗତି ଚିରନ୍ତନ ବୋଲି ଜଗତରେ ବିଦିତ ଅଛି । କିନ୍ତୁ ଭାଇ, ଏତିକି ମୋର ଦୁଃଖ ରହିଲା, ରଣକ୍ଷେତ୍ରରେ ଶତ୍ରୁ ଜିଣି ମୋର ପ୍ରାଣନାଶ ହେଲାନାହିଁ । ମୃଗରାଜ ବ୍ୟାଧ ଫାନ୍ଦରେ ଅକସ୍ମାତ ଜୀବନ ଦେଲାଭଳି ଆମ ଉଭୟଙ୍କର ସମଦଶା ହେଲା ।

(ବିଷାଦରେ ନିଃଶ୍ୱାସମାରି ସୁନ୍ଦ ଅସୁର ଦେହତ୍ୟାଗ କଲା )

ଉପସୁନ୍ଦ – (ଶୋକାଭିଭୂତ ହୋଇ) ହେ ଦୈତ୍ୟକୁଳପତି । ତୁମର ଅମରବାଞ୍ଛିତ ଶରୀର ଧରଣୀରେ ଲୋଟୁଛି। ଚାଲ, ଉଠ, ଯୁଦ୍ଧକ୍ଷେତ୍ରକୁ ଯିବା । ତୁମେ ଆଜି ଦାନବ ସେନାପତି ନ ହେଲେ ଦାନବ କୁଳର ନାମ ଲୋପ ହେବ । ହେ ଅଗ୍ରଜ ! ମୁଁ ତୁମର ଚିରଦାସ, ଚିର ଅନୁଗତ କିଙ୍କର ମାତ୍ର । ଅଳ୍ପ ଦୋଷରେ ଦୋଷୀ, କ୍ଷମାକର ଭାଇ ! ହେ ବାସବବିଜୟୀ, ଏ ବାମାକୁ ତୁମେ ଗ୍ରହଣ କରି ମନରୁ ତ୍ରାସ ନାଶ କର ।

(ଦୂରରୁ ଦେବତାମାନଙ୍କର ବିଜୟ ହୁଂକାର, ଶଙ୍ଖଧ୍ୱନି ଶୁଭିଲା । ଦେବ ସେନାଗଣ ଅସ୍ତ୍ର ନେଇ ଦାନବକୁଳ ସଂହାର କରି କରି ଉପସୁନ୍ଦ ନିକଟରେ ଉପସ୍ଥିତ ହେଲେ ।)

ଇନ୍ଦ୍ର – ହେ ଉପସୁନ୍ଦ ! ତୁମେ ମଦମତ୍ତ ହୋଇ ପୃଥିବୀ ପୃଷ୍ଠରେ ଅଧର୍ମ ସ୍ରୋତ ପ୍ରବାହିତ କଲ । ଭୂତଗଣ ଓ ଦେବଗଣଙ୍କ ପ୍ରତି ଅନାଚାର କରିଛ । ଧରଣୀର ସମଗ୍ର ସମ୍ପଦ ଜବ୍ଦ କରି, ଲୁଟି କରି ତୁମେ ଆଉ ତୁମ

ଭାଇ ସୁନ୍ଦ ଅତି ଅନ୍ୟାୟ କ୍ଷମତାରେ ମତ୍ତ ହୋଇ ଭୋଗ କରିଛ । ପୁଣି ତୁମର ଅନୁଗତ ଦୈତ୍ୟକୁଳକୁ ସେହି ଭୋଗରେ ଜର୍ଜରିତ କରିଛ । ତୁମେ କୁବେରର ଅଳକାପୁରୀକୁ ଛାରଖାର କରି କୁବେର ଧନ ଲୁଣ୍ଠନ ଓ ଶୋଷଣ କରି ତୁମ ପାପ କର୍ମର ଉପାୟ ଓ ଅନୀତି ପଥର ପାଥେୟ ରୂପେ ପ୍ରୟୋଗ କରିଛ । ବିଳମ୍ବ ହେଲେ ହେଁ ସତ୍ୟ ଓ ଧର୍ମର ଜୟ ସୁନିଶ୍ଚିତ । ଏହା ଶାଶ୍ୱତଧାରା । ରେ ପାପାତ୍ମା ଦୁରାଚାରୀ ଅସୁର ! ତୁ ଇଷ୍ଟ ସ୍ମରଣ କରି ଅସ୍ତ୍ର ଧାରଣ କର ।

ଉପସୁନ୍ଦ - ରେ ଦୁରାତ୍ମା ! ଦେବକୁଳ ପାମର ! ତୁ ଲମ୍ପଟ ଯେପରି, ଧୂର୍ତ୍ତ ସେପରି । ତୁ ଦାନବ ଭୟରେ ଭୀତ ହୋଇ ହିମାଦ୍ରି ଶିଖର ଗହ୍ୱରରେ ଶୃଗାଳତୁଲ୍ୟ ନିଜର ପତ୍ନୀ ଅଞ୍ଚଳରେ ଆତ୍ମଗୋପନ କରିଥିଲୁ । ଆଜି ତୋର ଏଡ଼େ ସ୍ପର୍ଦ୍ଧା ? ମୋ ସହିତ ଯୁଦ୍ଧ ଚାହୁଁଛୁ ?

(ଦୁଇ ଜଣଙ୍କର ତୁମୁଳ ଯୁଦ୍ଧ । ଉପସୁନ୍ଦ ମସ୍ତକ ଇନ୍ଦ୍ରାସ୍ତ୍ରରେ ଚୂର୍ଣ୍ଣ ହୋଇଗଲା । ଦେବଗଣ ଚନ୍ଦନକାଠ, ଘୃତ ଓ ତଣ୍ଡୁଳ ଆଣି ମୃତଦେହ ଦାହ କଲେ । ସୁନ୍ଦ ଉପସୁନ୍ଦର ପତ୍ନୀମାନେ ସହମୃତା ହୋଇ ବ୍ରହ୍ମଲୋକକୁ ଗମନ କଲେ ।)

ତିଲୋତ୍ତମା- ବାସବ ! ଆପଣଙ୍କର ଅଭିଳାଷ ଏ କ୍ଷୁଦ୍ର ଜୀବନରେ ସାର୍ଥକ ହେବାରୁ ମୁଁ ଧନ୍ୟ । ମୋର ପ୍ରଣାମ ଗ୍ରହଣ କରିବେ ।

ଇନ୍ଦ୍ର - ତିଲୋତ୍ତମେ ! ତୁମେ ଆଜି ଦେବଗଣଙ୍କ ଆଶିଷ ଲାଭ କଲ । ଦେବତାଙ୍କ ବିପଦ କାଳରେ ତୁମେ ଭଗବତୀ ମାତା ରୂପିଣୀ ହୋଇ ଆମମାନଙ୍କୁ ଲାଞ୍ଛନା ଓ ମହା ଅପମାନ ଓ ଦୁଃଖରୁ ରକ୍ଷା କରିଛ । ହେ ସତି ! ତୁମର ଏ ସୁଖ୍ୟାତି ଜଗତରେ ଚିରକାଳ ଘୋଷିତ ହେବ । ତୁମରି ପ୍ରସାଦରୁ ଦାନବ ଦଳନ ହେଲା ବୋଲି ତୁମର ନାମ 'ଦାନବଦଳିନୀ' । ତୁମେ ଇ ମା ଦୁର୍ଗା । ଦୁର୍ଗତିନାଶିନୀ । ତୁମକୁ ନମସ୍କାର କରୁଛି ।

ତିଲୋତ୍ତମା– ଦେବରାଜ ! ମୁଁ ଦେବଙ୍କ ଦୁର୍ଦ୍ଦଶା ମୋଚନ କଲି ସତ୍ୟ; କିନ୍ତୁ ବର୍ତ୍ତମାନ କେଉଁଠିକି ଯିବି ମୁଁ ?

ଇନ୍ଦ୍ର – ତୁମେ ପୁଣ୍ୟବତୀ, ଭାଗ୍ୟବତୀ । ଯେଉଁଠି କେଶବପତ୍ନୀ ମହାଲକ୍ଷ୍ମୀଙ୍କ ନିବାସ ଯେଉଁ ଇନ୍ଦୁବଦନା ଇନ୍ଦିରା ଅତଳ ଜଳଧିତଳେ ରହିଛନ୍ତି, ସେହି ଆଲୋକିତ ସାଗରତଳେ ରହିବ–ଯାଅ ! ତାହାପରେ ସୂର୍ଯ୍ୟ-ଲୋକର ମହାମଣ୍ଡଳରେ ତୁମେ ଭାସ୍ୱର ହୋଇ ବିରାଜିତ ହେବ ।

(ତିଲୋତ୍ତମା ସୂର୍ଯ୍ୟଲୋକ ଗମନ କଲେ । ଦେବତାମାନଙ୍କର ସ୍ୱର୍ଗରାଜ୍ୟରେ ପୁନଃ ପ୍ରବେଶ ହେଲା । ଅମର ପୁରୀର ଉତ୍ସାହିତ ନିଶୀଥରେ ସ୍ୱର୍ଗରେ ଇନ୍ଦ୍ର ସଭାରେ ଅପ୍ସରାମାନେ ନୃତ୍ୟଗୀତ ଆୟୋଜନ କଲେ ।)

## ପ୍ରଶ୍ନାବଳୀ

### ସଂକ୍ଷିପ୍ତ ଉତ୍ତରମୂଳକ :

୧. ପଠିତ ଏକାଙ୍କିକାରୁ ସୁନ୍ଦ ଓ ଉପସୁନ୍ଦଙ୍କର ପରିଚୟ ସଂକ୍ଷେପରେ ଦିଅ ।

୨. ସୁନ୍ଦଙ୍କ ମର୍ମବାଣୀ କ'ଣ ଥିଲା ଲେଖ ।

୩. ଉପସୁନ୍ଦ ସଭାସଦ୍‌ଗଣଙ୍କୁ କ'ଣ କହିଥିଲେ ?

୪. ଶଚୀଙ୍କୁ ପାଇବା ସଂପର୍କରେ ସୁନ୍ଦ ଏବଂ ଉପସୁନ୍ଦ କ'ଣ କଥାବାର୍ତ୍ତା ହେଲେ ?

୫. ଶଚୀ ସୁନ୍ଦ ଏବଂ ଉପସୁନ୍ଦଙ୍କୁ କାହିଁକି ପୃଥିବୀର ଶତ୍ରୁବୋଲି କହିଥିଲେ ?

୬. ଇନ୍ଦ୍ର ଧାତାଙ୍କ ନିକଟକୁ ଯାଇ କାହିଁକି ପରାମର୍ଶ ଲୋଡ଼ିଥିଲେ ?

୭. ଶଚୀଦେବୀ ଦେବଗଣଙ୍କୁ କ'ଣ କହିଥିଲେ ?

୮. କାର୍ତ୍ତିକେୟ ବିଶ୍ୱକର୍ମାଙ୍କୁ ନମସ୍କାର କରି କ'ଣ କହିଲେ ?

୯. ଦେବଶିଳ୍ପୀ ଅପରୂପ ଅପୂର୍ବ କାମିନୀକୁ କିପରି ସୃଷ୍ଟି କଲେ ?

୧୦. ସୁନ୍ଦ ଏବଂ ଉପସୁନ୍ଦଙ୍କୁ ବ୍ରହ୍ମା କି ବର ପ୍ରଦାନ କରିଥିଲେ ?

୧୧. ସୁନ୍ଦ ଅସୁର କିପରି ଦେହତ୍ୟାଗ କଲେ ?

୧୨. ପରିଶେଷରେ ଇନ୍ଦ୍ରଦେବ ତିଳୋତ୍ତମାଙ୍କୁ କ'ଣ କହିଥିଲେ ?

### ତୁମପାଇଁ କାମ :

୧୩. ଶ୍ରେଣୀ ଶିକ୍ଷକଙ୍କ ସହାୟତାରେ ଶ୍ରେଣୀଗୃହରେ ଏକାଙ୍କିକାଟି ଅଭିନୟ କର ।

୧୪. ଦେବଗଣ ଯେଉଁ ସ୍ତୁତି କଲେ ତାହାକୁ ମନେରଖି ଖାତାରେ ଲେଖ ।

◆